# ଓଡ଼ିଆ ସାହିତ୍ୟର
# ଇତିହାସ ସମ୍ପର୍କରେ

ପ୍ରଥମ ଭାଗ

ଅଧ୍ୟାପକ ଡକ୍ଟର ହେମନ୍ତକୁମାର ଦାସ

ଅଧ୍ୟାପକ ନଣାମଣି ମିଶ୍ର

ସାର୍ଥୀ ମହଲ

Digitized by srujanika@gmail.com

# ଓଡ଼ିଆ ସାହିତ୍ୟର ଇତିହାସ ସମ୍ପର୍କରେ (ପ୍ରଥମ ଭାଗ)

ମୂଳ ଲେଖକ :
ଡକ୍ଟର ହେମନ୍ତକୁମାର ଦାସ, ଏମ୍.ଏ.,ପି.ଏଚ୍.ଡି.
ଶ୍ରୀ ନିଶାମଣି ମିଶ୍ର, ଏମ୍.ଏ.
ଓଡ଼ିଆ ବିଭାଗ, ଜାତୀୟ କବି ବୀରକିଶୋର ମହାବିଦ୍ୟାଳୟ, କଟକ-୭

ପ୍ରକାଶକ :
ଶ୍ରୀ ରାଧାଶ୍ୟାମ ମହାନ୍ତି
ସାଥୀ ମହଲ
ବିନୋଦ ବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ : ୧୯୭୮

ମୁଦ୍ରାକର :
ସତ୍ୟବ୍ରତ ପ୍ରେସ୍, କଟକ-୧

ମୂଲ୍ୟ :
ସାଧାରଣ ଟ୪.୫୦
ଶୋଭନ ଟ୬.୦୦

**Odia Sahityara Itihasa Samparkare**
(About History of Oriya Literature)
Part-I

*Writers :*
**Dr. Hemanta Kumar Das**
**Sri Nishamani Mishra**
Dept. of Oriya,
J.K.B.K. College, Cuttack-7

*Publisher :*
**Sri Radhashyam Mohanty**
SATHI MAHAL
Binod behari, Cuttack.753002.

**Price Rs.6-00**

*Digitized by srujanika@gmail.com*

# ସୂଚୀ

ବିଷୟ ପୃଷ୍ଠାଙ୍କ

୧ । ସାରଳା ଦାସ

ସାରଳାକାଳୀନ ସମାଜ : କବି ପରିଚୟ : ସାରଳାଙ୍କ କାଳ : କବିତ୍ୱ ସ୍ଫୂର୍ତ୍ତି : ଜାତିସ୍ମରତ୍ୱ : ଶିକ୍ଷା : ସୃଷ୍ଟିଭୂମି : ବିଳଙ୍କା ରାମାୟଣ କଥାବସ୍ତୁ : ଅଦ୍ଭୂତ ରାମାୟଣ ଓ ବିଳଙ୍କା ରାମାୟଣ : ପ୍ରାଚୀନତା : ମହାଭାରତ — ସାରଳା-ମହାଭାରତର ଚରିତ୍ର : ସାରଳା-ମହାଭାରତର ଭାଷା : ସାରଳା-ମହାଭାରତରେ ପ୍ରବଚନ : ସମସାମୟିକ ସମାଜ ଜୀବନ : ସାରଳା-ମହାଭାରତର ଧର୍ମଧାରଣା : ଉପସଂହାର : ଚଣ୍ଡୀପୁରାଣ । ୧-୪୭

୨ । ଷୋଡ଼ଶ ଶତାବ୍ଦୀର ଓଡ଼ିଶା ଓ ପଞ୍ଚସଖା ଯୁଗର ଭିତ୍ତି : ଓଡ଼ିଶାରେ ବୈଷ୍ଣବ ଧର୍ମ : ଓଡ଼ିଶାରେ ବୈଷ୍ଣବ ଧର୍ମର ଦୁଇଟି ମୁଖ୍ୟଧାରା । ୪୮-୫୪

୩ । ବଳରାମ ଦାସ

ପରିଚୟ : ସମୟ ନିରୂପଣ : ସାହିତ୍ୟ : ଉପସଂହାର । ୫୫-୬୬

୪ । ଅତିବଡ଼ ଜଗନ୍ନାଥ ଦାସ

ଜୀବନୀ : ଶ୍ରୀଚୈତନ୍ୟଙ୍କ ଆଗମନ ଓ ଦୀକ୍ଷାଗ୍ରହଣ : ଅତିବଡ଼ ଉପାଧି ଓ ଗୌଡ଼ୀୟ ବୈଷ୍ଣବଙ୍କ ଈର୍ଷା : ଜଗନ୍ନାଥ ଦାସଙ୍କର ପ୍ରତିପତ୍ତି ଓ ଅଲୌକିକତା : ମୃତ୍ୟୁ : ଗ୍ରନ୍ଥ ରଚନା : ଉପସଂହାର । ୬୭-୮୫

Digitized by srujanika@gmail.com

# ସାରଳା ଦାସ

## (ପଞ୍ଚଦଶ ଶତକ)

ଆଦିକବି ସାରଳା ଦାସ ଓଡ଼ିଆ ଭାଷାରେ ଏକ ସ୍ୱାଧୀନ କାବ୍ୟ-ଶୈଳୀର ନିର୍ମାତା । ପଞ୍ଚଦଶ ଶତକରେ, ଯେତେବେଳେ ସଂସ୍କୃତ ଭାଷାର ନିରଙ୍କୁଶ ରାଜତ୍ୱ ଚାଲିଥିଲା, ପ୍ରାନ୍ତୀୟ ଭାଷାରେ ସାହିତ୍ୟ ସୃଷ୍ଟି ଯେତେବେଳେ କୌଣସି ପୃଷ୍ଠପୋଷକତା ଲାଭ କରୁ ନଥିଲା; ସେତିକିବେଳେ ସାରଳା ଦାସଙ୍କର ଆବିର୍ଭାବ । ଗ୍ରୀକ୍ ସାହିତ୍ୟ ନିମନ୍ତେ ହୋମର୍ ଏବଂ ଇଂରାଜୀ ସାହିତ୍ୟ ନିମନ୍ତେ ଚସର୍ଙ୍କର ଅବଦାନ ସହିତ ଓଡ଼ିଆ ଭାଷାର ଶୂଦ୍ରମୁନି ସାରଳା ଦାସଙ୍କର ଅବଦାନକୁ ତୁଳନା କରାଯାଇପାରେ । ଚସର୍ ଫରାସୀ ଭାଷାର କବଳରୁ ଇଂରାଜୀ ଭାଷାକୁ ମୁକ୍ତ କରି ତାହାକୁ ପରିମାର୍ଜିତ ଏବଂ ସାହିତ୍ୟିକ ରୂପ ଦେଇଥିଲେ । ଓଡ଼ିଆ କାବ୍ୟର ଆଦିପର୍ବରେ ସାରଳା ଦାସଙ୍କ ଭୂମିକା ମଧ୍ୟ ଅନୁରୂପ । ପ୍ରାନ୍ତୀୟ ଭାଷାର ସଂସ୍କୃତ ନିର୍ଭରଶୀଳତା-ଜନିତ ଗୌଣ ମନୋଭାବ ଦୂରୀକରଣରେ ସାରଳାଙ୍କ ଭୂମିକା ଅବିସ୍ମରଣୀୟ ।

ସାରଳାଦାସଙ୍କ କାଳ ସମଗ୍ର ଭାରତବର୍ଷର ଅନ୍ୟାନ୍ୟ ପ୍ରାନ୍ତର ସାହିତ୍ୟ ନିମନ୍ତେ ସୁବର୍ଣ୍ଣଯୁଗ କହିଲେ ଚଳେ । ପୂର୍ବ ଭାରତରେ ଏହି ସମୟ ମଧ୍ୟରେ କବୀର, ଚଣ୍ଡୀଦାସ ଏବଂ ଶଙ୍କରଦେବ ପ୍ରଭୃତି ବିଶିଷ୍ଟ କବିମାନଙ୍କର ଉଦ୍ଭବ ହୋଇଥିଲା । ପ୍ରାନ୍ତୀୟ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ରୂପ ଦେବାରେ ଏମାନଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ପ୍ରାନ୍ତୀୟ ଭାଷାରେ ସାହିତ୍ୟ ସୃଷ୍ଟିର ଯେଉଁ ପ୍ରବଣତା ତତ୍କାଳୀନ ଭାରତବର୍ଷରେ ଦେଖା ଦେଇଥିଲା, ସାରଳାଦାସଙ୍କୁ ତହିଁର ପ୍ରସୂତ ବୋଲି ବୁଝିବାରେ କୌଣସି ଅସୁବିଧା ନାହିଁ ।

Digitized by srujanika@gmail.com

ସଂସ୍କୃତର ସର୍ବଭାରତୀୟ ପରମ୍ପରା ରକ୍ଷା କରିବାରେ ଉତ୍କଳ ପଶ୍ଚାତ ମାତ୍ର ନ ଥିଲା । ବରଂ ଏଠାରେ ଜୟଦେବ, ବିଶ୍ୱନାଥ କବିରାଜ, ଗୋବର୍ଦ୍ଧନ, କୃଷ୍ଣାନନ୍ଦ ପ୍ରଭୃତି କେତେକ ଯଥାର୍ଥ ଉଚ୍ଚଶ୍ରେଣୀର କବି ଜନ୍ମଗ୍ରହଣ କରି ସେମାନଙ୍କ ଉଲ୍ଲେଖଯୋଗ୍ୟ ସାହିତ୍ୟକୃତି ଦ୍ୱାରା ସର୍ବ-ଭାରତୀୟ ଦରବାରରେ ଓଡ଼ିଶାର ସମ୍ମାନ ପ୍ରତିଷ୍ଠିତ କରିଥିଲେ । ସାରଳା ଦାସ ସ୍ୱୟଂ ଜଣେ ସଂସ୍କୃତଜ୍ଞ ହୋଇଥିଲେ ମଧ୍ୟ ସଂସ୍କୃତରେ କାବ୍ୟ ରଚନା କରିବାକୁ ମନ ନ ବଳାଇ ମାତୃଭାଷାର ଦୈନ୍ୟ ଦୂର କରିବା ନିମନ୍ତେ ବଦ୍ଧପରିକର ହୋଇଥିଲେ । ପରମ୍ପରାହୀନ ସୃଷ୍ଟି ନିମନ୍ତେ ଅନୁକରଣ ହିଁ ସବୁଠାରୁ ଉତ୍କୃଷ୍ଟ ପନ୍ଥା ରୂପେ ବିବେଚିତ ହୋଇଥାଏ; ମାତ୍ର ପ୍ରତିଭା ନିଜ ସୃଷ୍ଟିକୁ ସ୍ୱକୀୟତାର ବୈଶିଷ୍ଟ୍ୟରେ ପ୍ରତିଷ୍ଠିତ କରିଥାଏ । ଓଡ଼ିଆ କାବ୍ୟ ନିମନ୍ତେ କୌଣସି ବିଧିବଦ୍ଧ ପରମ୍ପରା ନ ଥିବା ସ୍ଥଳେ ସାରଳା ଦାସ କେବଳ ନିଜ ପ୍ରତିଭା ଉପରେ ନିର୍ଭର କରି ଅଷ୍ଟାଦଶ ପର୍ବ ମହାଭାରତ ରଚନା କରିଥିଲେ । ଓଡ଼ିଆ କାବ୍ୟର ସୃଷ୍ଟି କାଳରେ ହିଁ ସେଥି ନିମନ୍ତେ ଏକ ବଳିଷ୍ଠ ପରମ୍ପରାର ସୃଷ୍ଟି ହୋଇଥିଲା । ଏହି କାବ୍ୟଶୈଳୀ ପୁଣି ରୀତି-ଯୁଗର ଉଦ୍ଭବ ପର୍ଯ୍ୟନ୍ତ ଅନ୍ୟାନ୍ୟ ସମସ୍ତ ଉତ୍କଳୀୟ କବିମାନଙ୍କର ଆଦର୍ଶ ରୂପେ ଗୃହୀତ ହେଲା । ତେଣୁ ତ ଆମେ ଏହି ମୁହୂର୍ତ୍ତି-ଜନ୍ମା କବିଙ୍କୁ 'ମହାକବି'ର ସମ୍ମାନରେ ଭୂଷିତ କରିଥାଉଁ ।

## ସାରଳାକାଳୀନ ସମାଜ :

ପଞ୍ଚଦଶ ଶତକରେ ଦୀର୍ଘକାଳର ବ୍ୟବଧାନରେ ଓଡ଼ିଶାର ସାମାଜିକ ଜୀବନରେ ସ୍ଥିରତାର ସମ୍ଭବ ହୋଇଥିଲା । ନବମ ଦଶମ ଶତକରେ ବୌଦ୍ଧ ସହଜିୟାମାନଙ୍କର ଉଦାର ଧର୍ମମତ ସାମାଜିକ ଜୀବନକୁ ପ୍ରାୟ ଅନ୍ତଃସାର ଶୂନ୍ୟ କରି ତୋଳିଥିଲା । ଏକାଦଶ ଦ୍ୱାଦଶ ଶତକରେ ଗଙ୍ଗ-ବଂଶର ଅଭ୍ୟୁତ୍ଥାନରେ ଏହି ଦୁରବସ୍ଥା କିଞ୍ଚିତ୍ ଦୂର ହୋଇଥିଲେ ମଧ୍ୟ ଚତୁର୍ଦ୍ଦଶ ଶତକ ବେଳକୁ ଏକ ଦୃଢ଼ ଶାସନର ଅଭାବରେ ଦେଶର ରାଜନୈତିକ ଜୀବନ ପୁନର୍ବାର ଅସ୍ଥିରତାପୂର୍ଣ୍ଣ ହୋଇଉଠିଲା । ଶେଷ ଗଙ୍ଗ

Digitized by srujanika@gmail.com

ସମ୍ରାଟଙ୍କର ଦୁର୍ବଳତାର ସୁଯୋଗ ନେଇ କପିଳେନ୍ଦ୍ର ଓଡ଼ିଶାର ସିଂହାସନ ଅଧିକାର କଲେ । ଗଜପତି କପିଳେନ୍ଦ୍ର ଦୀର୍ଘ ତିରିଶବର୍ଷ କାଳ ଓଡ଼ିଶାର ଶାସନଭାର ସମ୍ଭାଳି ଥିଲେ । ତାଙ୍କ ରାଜତ୍ୱର ଅଧିକାଂଶ ସମୟ କିନ୍ତୁ ଯୁଦ୍ଧ-ବିଗ୍ରହ ମଧ୍ୟରେ କଟି ଯାଇଥିଲା । ଉତ୍ତର ଭାରତରୁ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଏକ ଅଶାନ୍ତ ପରିସ୍ଥିତି ଭିତରେ ରହି କପିଳେନ୍ଦ୍ର ବିଦ୍ରୋହ ଦମନ କରିବାରେ ଲିପ୍ତ ଥିଲେ । ତାଙ୍କର ଏହି ପରିଶ୍ରମ କିନ୍ତୁ ବ୍ୟର୍ଥ ହୋଇ ନ ଥିଲା । ଓଡ଼ିଶା ନିମନ୍ତେ ଏକ ଦୃଢ଼ ଶାସନର ବ୍ୟବସ୍ଥା ସେ ନିଜ ଜୀବନକାଳ ମଧ୍ୟରେ କରିଦେଇ ପାରିଥିଲେ । ଓଡ଼ିଶାର ରାଜନୈତିକ ସୀମା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଏହି ବିଶାଳ ସାମ୍ରାଜ୍ୟ ନିମନ୍ତେ ଏକ ସୁଶାସନ ବ୍ୟବସ୍ଥା ଏତେ ସହଜ ହୋଇ ନଥିଲେ ମଧ୍ୟ କପିଳେନ୍ଦ୍ରଙ୍କ ଆପ୍ରାଣ ଉଦ୍ୟମ ଫଳରେ ତାହା ସମ୍ଭବପର ହୋଇଥିଲା ।

ଦୀର୍ଘକାଳର ଅସ୍ଥିରତା ଦୂର ହୋଇଯିବା ପରେ ଓଡ଼ିଆମାନେ ଶିଳ୍ପ, ସାହିତ୍ୟ ଇତ୍ୟାଦିର ଉନ୍ନତି ନିମନ୍ତେ ପ୍ରଯତ୍ନ କରିବାକୁ ଆରମ୍ଭ କରିଥିଲେ । ରାଜନୀତି ସହିତ ଏଗୁଡ଼ିକର ଘନିଷ୍ଠ ସମ୍ପର୍କ ରହିଛି । ଏକ ନିରୁଦ୍‌ବିଗ୍ନ, ଶାନ୍ତ, ସମସ୍ୟାବିହୀନ ରାଜନୈତିକ ଅବସ୍ଥାରେ ଶିଳ୍ପ ତଥା ସାହିତ୍ୟର ଯେଉଁ ରୂପ ସମ୍ଭବ, କହିବା ବାହୁଲ୍ୟ ଅସ୍ଥିର ରାଜନୀତିରେ ତାହା ସମ୍ଭବପର ନୁହେଁ । କପିଳେନ୍ଦ୍ର ଏହି ସ୍ଥିରତା ଓଡ଼ିଶାକୁ ଦେଇଥିଲେ । ପ୍ରଜାମାନଙ୍କର ଐହିକ ସୁଖ ଓ ଶାନ୍ତି ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଥିଲା । ଫଳରେ ଅନେକ କାଳପରେ ଏହାଙ୍କ ସମୟରେ ଓଡ଼ିଶାର ସାମାଜିକ ଜୀବନରେ ସ୍ଥିରତା ଆସିଥିଲା ।

ସାହିତ୍ୟ, ସଙ୍ଗୀତ ପ୍ରଭୃତି ସୁକୁମାର କଳା ସେ ଯୁଗରେ ରାଜପୃଷ୍ଠ-ପୋଷକତା ନିୟନ୍ତ୍ରିତ ଥିଲା । ସ୍ୱୟଂ ସମ୍ରାଟ ଜଣେ ଉଚ୍ଚକୋଟିର ସାହିତ୍ୟିକ ଥିଲେ । ତେଣୁ ସାହିତ୍ୟିକମାନଙ୍କୁ ସେ ଯେ ନିୟମିତ ଉତ୍ସାହିତ କରୁଥିବେ ଏଥିରେ ସନ୍ଦେହ ନାହିଁ । ସାରଳା ତାଙ୍କର ମହାଭାରତରେ କପିଳେନ୍ଦ୍ରଙ୍କର ପ୍ରଶଂସା ଗାନ କରି ଯାଇଥିବାରୁ ଅନୁମାନ କରାଯାଇପାରେ ଯେ, ସେ ସମ୍ରାଟଙ୍କର ପୃଷ୍ଠପୋଷକତା ଲାଭ କରିବା ନିମନ୍ତେ ବ୍ୟଗ୍ର ଥିଲେ ।

Digitized by srujanika@gmail.com

## କବି ପରିଚୟ :

ଖ୍ରୀଷ୍ଟପୂର୍ବ ପରମ୍ପରାରେ ଆତ୍ମ-ବିବରଣୀ ପ୍ରଦାନ ଏକ ଅସମ୍ମାନଜନକ ଏବଂ ଅହଙ୍କାରୀ କାର୍ଯ୍ୟ ରୂପେ ବିବେଚିତ ହେଉଥିଲା । ତେଣୁ ଏଠାରେ କବି, ଲେଖକ, ଐତିହାସିକବୃନ୍ଦ ନିଜ ସମ୍ପର୍କରେ କୌଣସି ବିବରଣୀ ଲିପିବଦ୍ଧ କରିବାର ଦୁଃସାହସିକ ଉଦ୍ୟମରୁ ବିରତ ରହୁଥିଲେ । ଅଶ୍ୱଘୋଷ, କାଳିଦାସ, ଭବଭୂତି, ମାଘ ପ୍ରଭୃତି କବିମାନଙ୍କର ଯେଉଁ ଜୀବନୀ ଆମ୍ଭେମାନେ ବର୍ତ୍ତମାନ ଦେଖିବାକୁ ପାଉଛୁ, ସେସବୁ ଅନୁମାନଭିତ୍ତିକ ଏବଂ ପାରିବେଶିକ ପ୍ରମାଣର ଆଧାରରେ ସଙ୍କଳିତ ।

ଉତ୍କଳର ବ୍ୟାସ ସାରଳା ଦାସ ଏହି ପରମ୍ପରାର ସୁଯୋଗ୍ୟ ଦାୟାଦ ଥିଲେ । ତେଣୁ ସେ ସ୍ପଷ୍ଟ ଭାବରେ ନିଜ ସମ୍ପର୍କରେ କେଉଁଠି କିଛି କହି ନାହାନ୍ତି । ମହାଭାରତ, ବିଲଙ୍କା ରାମାୟଣ ପ୍ରଭୃତିରୁ ତାଙ୍କ ସମ୍ପର୍କରେ ଯେଉଁ ବିବରଣୀ ମିଳେ, ସେଗୁଡ଼ିକ ଭକ୍ତିକ ମିଥ୍ୟାର ଆବରଣ ତଳେ ଅସ୍ପଷ୍ଟ । ତଥାପି କେବଳ ସେଇଗୁଡ଼ିକୁ ଗ୍ରହଣ କଲେ କବିଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଆମର ଆଉ ଅନ୍ୟ ଉପାୟ ନାହିଁ ।

ଅନୁମାନ କରାଯାଇଥାଏ ଯେ, ସାରଳା ଦାସଙ୍କ ମୌଳିକ ଉପାଧି 'ପଣ୍ଡା' ଥିଲା ଏବଂ ସେ 'ଶୂଦ୍ର' କୁଳରେ ଜନ୍ମଗ୍ରହଣ କରିଥିଲେ । (୧) ଆଜନ୍ମରୁ ସେ ପିତୃମାତୃହୀନ ଥିଲେ ଏବଂ ନିଜର ଅଗ୍ରଜ ପର୍ଶୁରାମଙ୍କ ଦ୍ୱାରା ପରିପାଳିତ ହୋଇଥିଲେ । (୨)

---

(୧) ଜଗନ୍ମାତା ପ୍ରସନ୍ନ ଯହୁଁ ମୋତେ ହେଲେ,
ଶୂଦ୍ରମୁନି ସାରଳା ଦାସ ନାମ ଦେଲେ ।
—ଆଶ୍ରମିକ ପର୍ବ

(୨) କନକପୁର ପାଟଣା ଘର ପର୍ଶୁରାମ,
ମୁହିଁ ତାର ଅନୁଜ ସାରଳା ଦାସ ନାମ ।
—ମଧ୍ୟପର୍ବ

Digitized by srujanika@gmail.com

ସାରଳାଦାସ ବନ୍ଧୁ ପୁତ୍ର ପୌତ୍ର ଧରି ବିଧିବଦ୍ଧ କୃଷ୍ଣ-ଜୀବନ ଯାପନ କରୁଥିବାର ସୂଚନା ମାତ୍ର ଦେଇଥିଲେ ହେଁ ନିଜର ପାରିବାରିକ ଜୀବନ ବିଷୟରେ ପୂରାପୂରି ନୀରବ । ତାଙ୍କର ବର୍ଣ୍ଣନାରୁ କେବଳ ତାଙ୍କର ପିତା ଓ ଅଗ୍ରଜଙ୍କ ନାମ ମାତ୍ର ଜଣାଯାଇଥାଏ । କବି ଲେଖିଛନ୍ତି,

"ଆହେ ପ୍ରଭୁ ମୋତେ କରି ଆପଣଙ୍କ ଭୃତ୍ୟ,
ଯଶୋବନ୍ତ ନନ୍ଦନ ମୁଁ ମୂରୁଖ ଅତ୍ୟନ୍ତ ।
× × ×
କନକପୁର ପାଟଣା ଘର ପର୍ଶୁରାମ,
ତାର ଅନୁଜ ସାରଳା ଦାସ ମୋର ନାମ ।"

—ମଧ୍ୟପର୍ବ

ଏଥିରୁ ତାଙ୍କର ପିତା ଯଶୋବନ୍ତ ଏବଂ ଅଗ୍ରଜ ପର୍ଶୁରାମଙ୍କର ନାମ ମାତ୍ର ମିଳିଥାଏ ।

କବିଙ୍କର ରଚନାରୁ ଜଣାଯାଏ ଯେ ସେ ଯଙ୍କେଶ୍ୱରପୁର ପାଟଣା ବା ସାମ୍ପ୍ରତିକ 'ଝଙ୍କଡ' ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏହି ଗ୍ରାମ କଟକ ଜିଲ୍ଲାରେ ଅବସ୍ଥିତ । (୧) ଝଙ୍କଡ ଗ୍ରାମ ବହୁ ପୂର୍ବରୁ ଏକ ଶାକ୍ତପୀଠରୂପେ ପ୍ରାଧାନ୍ୟ ଲାଭ କରି ଆସିଥିଲା ଏବଂ ଏବେ ମଧ୍ୟ ଏଠାରେ ପ୍ରସିଦ୍ଧା ସାରଳା ଦେବୀଙ୍କ ପୀଠ ରହିଛି । ଶୂଦ୍ର ମୁନି ଏହି ସାରଳାଙ୍କ କୃପାରୁ ତାଙ୍କରି ପୀଠରେ ମହାଭାରତ ରଚନା କରିଥିଲେ ବୋଲି ସ୍ୱୟଂ ବର୍ଣ୍ଣନା କରିଯାଇଛନ୍ତି । (୨)

---

(୧) ଝଙ୍କଡ଼ ଯାହାକୁ ପୂର୍ବେ ଦାର ସ୍ୱସ୍ତି ବୋଲି ।
ଗିରିଜାଙ୍କ ଆଜ୍ଞାରେ ମୁଁ ତହିଁ ଜନମିଲି ।

(ବନପର୍ବ)

(୨) "ଅମ୍ଭେ ବର୍ତ୍ତିଲୁ ସେ ହୋଇଲା ତୋର ଜ୍ଞାନ,
ଶ୍ରୀ ମହାଭାରତ ଏବେ କରି ତୁ ଲେଖନ—"

Digitized by srujanika@gmail.com

ଶ୍ରୀ ସୁରେନ୍ଦ୍ର ମହାନ୍ତି ସାମ୍ପ୍ରତିକ ସାରଳା ପୀଠ ସହିତ ସାରଳା-କାଳୀନ ପୀଠର ପାର୍ଥକ୍ୟ ସୂଚାଇଛନ୍ତି । (୧)

ଝଙ୍କଡ ନିକଟସ୍ଥ 'କନକପୁର' ଗ୍ରାମକୁ ସାରଳା ଦାସ 'କନକାବତୀ ପାଟଣା' ରୂପେ ଉଲ୍ଲେଖ କରିଛନ୍ତି । ଏହି ଗ୍ରାମର ଉତ୍ତରରେ ସାରୋଳ ନାମକ ଏକ ଗ୍ରାମ ରହିଥିଲା । ଏହି ସାରୋଳ ଝଙ୍କଡର ନାମାନ୍ତର ବୋଲି ଶ୍ରୀ ସୂର୍ଯ୍ୟନାରାୟଣ ଦାସ କହନ୍ତି । ଏହି ସାରୋଳ ଗ୍ରାମଟି ପୂର୍ବରେ ସାନସାରୋଳ ନାମରେ ପରିଚିତ ଥିଲା ଏବଂ ସାରଳା ଦାସ ଏହିଠାରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଶ୍ରୀ ଦାସଙ୍କର ମତ ।

ସାରଳା ଦାସଙ୍କର ପୈତୃକ ନାମ ସିଦ୍ଧେଶ୍ୱର ପରିଡ଼ା ଥିଲା ଏବଂ ସେ ଏହି ନାମରେ 'ବିଲଙ୍କା ରାମାୟଣ' ରଚନା କରିବା ପର୍ଯ୍ୟନ୍ତ ପରିଚିତ ଥିଲେ । ସାରଳା ଦାସଙ୍କ ଶୂଦ୍ରମୁନି ଉପାଧି ସମ୍ପର୍କରେ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କର ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ । ତାଙ୍କ ମତରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଅଦ୍ୟାବଧି ଅବ୍ରାହ୍ମଣମାନଙ୍କ ଦ୍ୱାରା ଦେବୀ ପୂଜାର ଏକ ପରମ୍ପରା ରହି ଆସିଅଛି । ଶୂଦ୍ର ସମାଜରେ ଏହି ଦେବପୂଜକ ଗୋଷ୍ଠୀକୁ 'ମୁନି' କୁହାଯାଉଥିଲା । ସାରଳା ଦାସ ସ୍ୱୟଂ ଶୂଦ୍ର ଥିଲେ ଏବଂ ଦେବୀଙ୍କର ପୂଜକ ହୋଇଥିବାରୁ ମୁନି ବୋଲାଉଥିଲେ । ଏହି ଉଭୟର ସମ୍ମିଶ୍ରଣରେ ହିଁ ତାଙ୍କର 'ଶୂଦ୍ରମୁନି' ଉପାଧି ।

---

(୧) —'ସାରଳାଦାସ ସାରଳା ମନ୍ଦିରର ଯେଉଁ ପୀଠରେ ମହାଭାରତ ଓ ଅନ୍ୟାନ୍ୟ ଗ୍ରନ୍ଥ ରଚନା କରିଥିଲେ, ତାହା କନକପୁର ଠାରେ ଥିବା ବର୍ତ୍ତମାନର ମନ୍ଦିର ନୁହେଁ ବୋଲି ଏକ ଆଞ୍ଚଳିକ ଜନଶ୍ରୁତି ଅଛି । କନକପୁର ଠାରୁ ଅଦୂରବର୍ତ୍ତୀ ବଡ଼ ସାରୋଳ ଠାରେ ଏହି ମନ୍ଦିର ପ୍ରତିଷ୍ଠିତ ଥିଲା ଓ ସାରଳାଦାସ ତାହା ସ୍ଥାନେ ସ୍ଥାନେ ମଧ୍ୟ ଉଲ୍ଲେଖ କରି ଅଛନ୍ତି । ଏ ମନ୍ଦିରଟି ପଥର ଓ ପୁରୁଣା ଇଟାରେ ନିର୍ମିତ ହୋଇଥିଲା—"

(ଓଡ଼ିଆ ସାହିତ୍ୟର ଆଦିପର୍ବ)

Digitized by srujanika@gmail.com

ମାନ୍ୟ ଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ 'ସାରଳା ସାହିତ୍ୟର ଐତିହାସିକ ଚିତ୍ର' ନାମକ ଏକ ପ୍ରାମାଣିକ ପୁସ୍ତକରେ ସାରଳା ଦାସ ନିଜକୁ 'ଶୂଦ୍ରମୁନି' ରୂପରେ ପରିଚିତ କରାଇ ଥିବାର ଯେଉଁ ସମ୍ଭାବ୍ୟ କାରଣ ସୂଚାଇଛନ୍ତି, ତାହା ଅଧିକ ଯୁକ୍ତିଯୁକ୍ତ ବୋଧ ହେଉଥିବାରୁ ନିମ୍ନରେ ଦେଲୁ । ଶ୍ରୀ ପାଣିଗ୍ରାହୀ ଲେଖିଛନ୍ତି "ସାରଳାଦାସ ସ୍ପଷ୍ଟ ଭାଷାରେ ଲେଖି ଯାଇଛନ୍ତି ଯେ ମୁନି ଅଂଶରେ ଜନ୍ମ ଗ୍ରହଣ କଲେ ମନୁଷ୍ୟ କବି ହୁଏ ଓ ସେ ନିଜେ ମୁନି ଅଂଶରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କର କବିତ୍ୱର ବିକାଶ ଘଟିଥିଲା ।" (ସାରଳା ସାହିତ୍ୟର ଐତିହାସିକ ଚିତ୍ର) ।

ସାରଳା ମହାଭାରତର ବନପର୍ବରେ ଅଛି—

ମୁନି ଅଂଶରେ ଜନ୍ମିଲେ ବାକ୍ୟ ଘାରେ ଛନ୍ଦ,
ନପଢ଼ିଣ ଏତେ ବିଦ୍ୟା ସାଧିଲଇଁ ମୁହିଁ—"

ବିରାଟ ପର୍ବରେ ଅଛି—

"ମୁନିଅଂଶ ହୋଇ ମୁହିଁ ଜନ୍ମିଲଇଁ ଯୋନି,
ଚଣ୍ଡୀ ପଦ୍ମପାଦ ସେବି ହେଲି ଶୂଦ୍ରମୁନି-"

ଉଦ୍ୟୋଗ ପର୍ବରେ ରହିଛି—

କୁବେର ଅଂଶ ଯେଜନ ଜନମ ନହେଲେ,
ସାଧକ ହୋଇବ କାହିଁ ମହାଲକ୍ଷ୍ମୀ ହେଲେ ।
ଗନ୍ଧର୍ବ କଳା ନଥିଲେ ସାଧକ ଗାୟନ,
ମୁନି ଅଂଶ ନଥିଲେ କି ଶାସ୍ତ୍ରେ ହେବ ଜ୍ଞାନ ।

ନିଜର 'ଶୂଦ୍ରମୁନି' ଉପାଧି ଗ୍ରହଣ କରିବାର କାରଣ ସ୍ୱରୂପ ସ୍ୱୟଂ କବି ନିଜ ଗ୍ରନ୍ଥରେ ଏତେ ସ୍ପଷ୍ଟ ଓ ପରିଷ୍କାର ସୂତ୍ରମାନ ଉପସ୍ଥାପିତ କରିଥିବା ସ୍ଥଳେ ଏ ନିମନ୍ତେ ଆଉ ଅନ୍ୟକାରଣର ଅନ୍ୱେଷଣ କେବଳ ଆଲୋଚନାରେ ଗାମ୍ଭୀର୍ଯ୍ୟ ସୃଷ୍ଟି କରି ସରଳ ଜିନିଷକୁ ଜଟିଳ କରିବାର ପଣ୍ଡିତସୁଲଭ କାମନାରୁ ସୃଷ୍ଟି ବୋଲି ଆମେ ଅନୁଭବ କରୁଛୁ । ପଣ୍ଡିତ ବିନାୟକ ମିଶ୍ର

Digitized by srujanika@gmail.com